ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଟୁଇଟ୍‌ର ଓ ସମ୍ବାଦପତ୍ରରେ ପ୍ରକାଶିତ ଖବର ନେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର : ୨୫ ଅପ୍ରେଲ୍,୨୦୨୦

ସମ୍ବାଦପତ୍ରରେ ପ୍ରକାଶିତ ଖବର ଅନୁଯାୟୀ ନୟାଗଡ଼ ଜିଲ୍ଲାର ସରିଗଣ୍ଡା ପଞ୍ଚାୟତର କାମସର ଗ୍ରାମର ବୃଦ୍ଧା ବାଲି ଜାନୀ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଓ ଏକ ହଜାର ଟଙ୍କା ପାଇନଥିବା ଜାଣି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତୁରନ୍ତ ଏ ସଂପର୍କରେ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନୟାଗଡ଼ର ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ଅନୁଯାୟୀ ଦଶପଲ୍ଲାର ଏମ୍ ଆଇ ବାଲି ଜାନୀଙ୍କ ଘରକୁ ଯାଇ ତାଙ୍କୁ ୩ ମାସର ଚାଉଳ ୩୦ କେଜି ଏବଂ ନଗର ରିଲିଫ୍ ଆକାରରେ ୧୦୦୦ ଟଙ୍କା ପ୍ରଦାନ କରିଥିଲେ ।

ସେହପରି ଝୁମ୍ପୁରା ପଞ୍ଚାୟତର ବିଷ୍ଣୁପୁର (ଭଦ୍ରା ସାହି)ର ସୁନୀତା ମୁଣ୍ଡା ରାସନ୍ କାର୍ଡରେ ଖାଦ୍ୟ ସାମଗ୍ରୀ ପାଇନଥିବା ଖବର କାଗଜରେ ପ୍ରକାଶିତ ସମ୍ବାଦ ଅନୁସାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଟୁଇଟ୍ ଯୋଗେ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳ ସ୍ୱରୂପ ସୁନୀତା ମୁଣ୍ଡାଙ୍କୁ ତୁରନ୍ତ ୩୦ କେଜି ଚାଉଳ ଯୋଗାଇ ଦିଆଯାଇଥିଲା ।

ସେହିପରି ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳର ଝିଲି ସାହୁ ୩ ମାସର ଆଗୁଆ ରାସନ୍ ସାମଗ୍ରୀ ପାଇନଥିବା ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଲିଖିତ ଅଭିଯୋଗ କରିବା ପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏ ଦିଗରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇ ବିଭାଗୀୟ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସେହିଦିନ ଝିଲି ସାହୁଙ୍କୁ ତାଙ୍କ ପ୍ରାପ୍ୟ ରାସନ୍ ସାମଗ୍ରୀ ପ୍ରଦାନ କରିଥିଲେ ।

କରୋନା ଭୂତାଣୁ ସଂକ୍ରମଣ ଯୋଗୁଁ ସାରା ଦେଶ ସମେତ ରାଜ୍ୟରେ ଲକ୍ ଡାଉନ୍ ଜାରି କରାଯାଇଥିବାବେଳେ ଜନସାଧାରଣଙ୍କ ଖାଦ୍ୟ ସୁନିଶ୍ଚିତ କରିବା ପାଇଁ ଏ ସଂପର୍କରେ ଟୁଇଟର, ଟେଲିଫୋନ, ସମ୍ବାଦପତ୍ର ଆଦି ମାଧ୍ୟମରେ ମିଳୁଥିବା ଅଭିଯୋଗକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ